# ନେସନାଲ ମହାବିଦ୍ୟାଳୟ ରେ ଜାତୀୟ ଯୁବ ଦିବସ

ତା ୧୨/୦୧/୨୦୨୩ ଦିନ ନେସନାଲ ମହାବିଦ୍ୟାଳୟ ରେ ଜାତୀୟ ଯୁବ ଦିବସ ପାଳନ କରାଯାଇଥିଲା । ଉକ୍ତ ସଭାରେ ମହାବିଦ୍ୟାଳୟ ଅଧକ୍ଷଙ୍କ ସହିତ ମୁଖ୍ୟ ଅତିଥି ହିସାବେ ନୂଆପଡା ଅତିରିକ୍ତ ଜିଲ୍ଲା ଅଧିକାରୀ ଶ୍ରୀ ଅଗସ୍ତି ପ୍ରଧାନ (ADM) ଓ ମୁଖ୍ୟ ବକ୍ତା ଶିବ ବେହେରା ଯୋଗ ଦେଇ ବିଦ୍ୟାର୍ଥୀଙ୍କ ମଧରେ ଜାଗରଣ ସୃଷ୍ଟି କରିଥିଲେ । ପିରାମଲ ଫାଉଣ୍ଡେସନ ର ଅଧିକାରୀ ମୁଖ୍ୟ ଭବାନୀ ଶଙ୍କର ନାଏକ ଙ୍କର ଦଳ ପିଲା ମାନଙ୍କୁ କେତେ ଗୁଡ଼ାଏ କାର୍ଯ୍ୟକଳାପ ରେ ଯୋଡ଼ି ତଦନୁଯାୟୀ ଶିକ୍ଷା ଦେଇଥିଲେ । ମହାବିଦ୍ୟାଳୟ ଭାରା ପ୍ରାପ୍ତ ଅଧକ୍ଷ ନୃସିଂହ ଚରଣ ସାହୁ ,ହିତେଶ ସାହୁ, ଗଜେନ୍ଦ୍ର ନାଏକ ସମେତ ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ଥିଲେ । ସଭାକୁ ସଂଯୋଜନା ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ଗୋପୀ ଗୋପାଳ ସୁନା କରିଥିବା ବେଳେ ଶୁକଦେବ ଭୀଲ ଧନ୍ୟବାଦ ଅର୍ପଣକରି ଥିଲେ । ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଦିବସକୁ ସାଫଲ୍ୟ ମଣ୍ଡିତ କରିଥଲେ ।

